## ପୋଖରୀରେ ବୁଡ଼ି ଯୁବକ ମୃତ

ଚୌଦ୍ୱାର, (ଡି.ଏନ୍.ଏ.): ଶାଳଗାଁ ପଞ୍ଚାୟତ ଅନ୍ତର୍ଗତ ବେଗୁନିଆଁ ଗ୍ରାମ ପୋଖରୀରେ ବୁଡ଼ି ଶୁକ୍ରବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସେହି ଗ୍ରାମର ଦାମୋଦର ରାଉତ (୩୫)। ସନ୍ଧ୍ୟାରେ ଦାମୋଦର ଉକ୍ତ ପୋଖରୀରେ ଶୌଚ ହେବାବେଳେ ପାଣିରେ ବୁଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ବହୁ ଖୋଜାଖୋଜି କରିଥିଲେ ମଧ ଦାମୋଦରଙ୍କ ପତ୍ତା ପାଇ ନ ଥିଲେ। ଖବରପାଇ ଚୌଦ୍ୱାର ଅଗ୍ନିଶମ କର୍ମଚାରୀ ପହଞ୍ଚି ପୋଖରୀ ଭିତରୁ ଦାମୋଦରଙ୍କ ମୃତଦେହ ଉଦ୍ଧାର କରିଥିଲେ। ପରେ ଚୌଦ୍ୱାର ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇଛି। ପରିବାର ଲୋକଙ୍କ କହିବାନୁଯାୟୀ, ଆଗରୁ ଦାମୋଦରଙ୍କର ବାତରୋଗ ଥିଲା। ଏହି କାରଣରୁ ସେ ପାଣିରେ ବୁଡ଼ିଯାଇପାରିଥାନ୍ତି ବୋଲି ଆଶଙ୍କା କରାଯାଉଛି।

# ଅଧିକାଂଶ ପୀଡ଼ିତାଙ୍କୁ ମିଳିନି ଅନୁକମ୍ପା ରାଶି

ଭୁବନେଶ୍ୱର,୩୦।୧୦ (ବ୍ୟୁରୋ)

- ୭ବର୍ଷରେ ୧୬,୦୪୭ ବଳାତ୍କାର, ୭୨୭ ଗଣବଳାତ୍କାର, ୬୬ ଏସିଡ୍ ଆକ୍ରମଣ
- ୨୦୧୮ରେ ସର୍ବାଧିକ ୨୫୦୨ ବଳାତ୍କାରର ଶିକାର
- ୩,୨୨୫ ପୀଡ଼ିତାଙ୍କୁ ଆର୍ଥିକ ସହାୟତା, ୨୦୧୩ରେ ସବୁଠୁ କମ୍

ରାଜ୍ୟରେ ମହିଳାଙ୍କ ଉପରେ ଅତ୍ୟାଚାର ବଢୁଛି। ହେଲେ ପୀଡିତା ଉପଯୁକ୍ତ ନ୍ୟାୟ ଓ ଆର୍ଥିକ ସହାୟତା ପାଇବାରୁ ବଞ୍ଚିତ ହେଉଛନ୍ତି। ଶେଷ ୭ ବର୍ଷରେ ରାଜ୍ୟରେ ମୋଟ ୧୬,୦୪୭ ବଳାତ୍କାର, ୭୨୭ ଗଣବଳାତ୍କାର ଓ ୬୬ ଏସିଡ୍ ଆକ୍ରମଣ ମାମଲା ହୋଇଛି। ମାତ୍ର ୩,୨୨୫ ପୀଡିତାଙ୍କୁ ଅନୁକମ୍ପା ରାଶି ଦିଆଯାଇଥିବା ସୂଚନା ଅଧିକାର ଆଇନ ତଥ୍ୟରୁ ଜଣାପଡିଛି।

ସୂଚନା ଅଧିକାର କର୍ମୀ ହିମାଂଶୁ ଶେଖର ନାୟକଙ୍କୁ ମିଳିଥିବା ରାଜ୍ୟ ପୋଲିସର ତଥ୍ୟ ଅନୁସାରେ, ୨୦୧୩ରେ ୧୮୩୨ଜଣ ବଳାତ୍କାର ଓ ୯୪ଜଣ ଗଣବଳାତ୍କାରର ଶିକାର ହୋଇଥିଲେ। ଏହାସହ ଜଣଙ୍କୁ ଏସିଡ୍ ଆକ୍ରମଣ ହୋଇଥିଲା। ହେଲେ ମାତ୍ର ୭୭ଜଣ ପୀଡିତାଙ୍କୁ ଅନୁକମ୍ପା ରାଶି ମିଳିଛି। ସେହିଭଳି ୨୦୧୪ରେ ୨୦୧୧ଜଣ ବଳାତ୍କାର ଓ ୯୧ ଗଣବଳାତ୍କାରର ଶିକାର ହୋଇଥିବାବେଳେ ୯ଜଣଙ୍କୁ ଏସିଡ୍ ଆକ୍ରମଣ ହୋଇଛି। ସେହିବର୍ଷ ୧୭୬ଜଣଙ୍କୁ ଅନୁକମ୍ପା ରାଶି ମିଳିଛି। ୨୦୧୫ରେ ୨୨୮୬ ବଳାତ୍କାର ଓ ସର୍ବାଧିକ ୧୦୯ ଗଣବଳାତ୍କାରର ଶିକାର ହୋଇଥିଲେ। ଏହାସହ ୭ଜଣଙ୍କୁ ଏସିଡ୍ ଆକ୍ରମଣ ହୋଇଥିଲା। କିନ୍ତୁ ୧୫୮ଜଣଙ୍କୁ ସହାୟତା ରାଶି ମିଳିଥିଲା। ୨୦୧୬ରେ ୨୧୪୪ଜଣ ବଳାତ୍କାର, ୯୩ ଜଣ ଗଣବଳାତ୍କାର ଓ ୧୨ଜଣ ଏସିଡ୍ ଆକ୍ରମଣର ଶିକାର ହୋଇଥିବାବେଳେ ୩୭୩ ଜଣଙ୍କୁ ଅନୁକମ୍ପା ରାଶି ଦିଆଯାଇଥିଲା। ୨୦୧୭ରେ ୨୨୨୧ଜଣ ବଳାତ୍କାର, ୯୨ଜଣ ଗଣବଳାତ୍କାର ଓ ୧୩ଜଣଙ୍କୁ ଏସିଡ୍ ଆକ୍ରମଣ ହୋଇଥିଲା। ସେହିବର୍ଷ ସର୍ବାଧିକ ୭୫୧ ଜଣଙ୍କୁ ସହାୟତା ରାଶି ମିଳିଥିଲା। ୨୦୧୮ରେ ୨୫୦୨ଜଣ ବଳାତ୍କାରର ଶିକାର ହୋଇଥିବାବେଳେ ୯୭ଜଣ ଗଣବଳାତ୍କାର ଓ ୧୪ ଜଣଙ୍କୁ ଏସିଡ୍ ଆକ୍ରମଣ ହୋଇଥିଲା। ତେବେ ୭୨୧ ଜଣ ସହାୟତା ପାଇଥିଲେ। ୨୦୧୯ରେ ୧୩୫୬ ବଳାତ୍କାର, ୧୦୫ଜଣ ଗଣବଳାତ୍କାର ଓ ୩ଜଣ ଏସିଡ୍ ଆକ୍ରମଣର ଶିକାର ହୋଇଥିବାବେଳେ ମାତ୍ର ୫୪୫ଜଣଙ୍କୁ ସହାୟତା ରାଶି ମିଳିଥିଲା। ସେହିଭଳି ୨୦୨୦ ଅଗଷ୍ଟ ପର୍ଯ୍ୟନ୍ତ ୧୬୯୫ଜଣ ବଳାତ୍କାର ଓ ୪୬ଜଣ ଗଣବଳାତ୍କାରର ଶିକାର ହୋଇଛନ୍ତି। ଏହାସହ ୭ଜଣଙ୍କୁ ଏସିଡ୍ ମାଡ଼ ହୋଇଛି। ହେଲେ ଏହି ସମୟ ମଧ୍ୟରେ ୪୨୪ ଜଣ ଅନୁକମ୍ପାମୂଳକ ଆର୍ଥିକ ସହାୟତା ପାଇଥିବା ଜଣାପଡିଛି। ଏନେଇ ଜିଲା ଆଇନ ସେବା ପ୍ରାଧିକରଣ (ଡିଏଲ୍ଏସ୍ଏ)ର ଜଣେ ଅଧିକାରୀ ନାମ ଗୋପନ ରଖି କହିଛନ୍ତି ଯେ, ପୋଲିସ ତଦନ୍ତ ଓ କୋର୍ଟରେ ବିଚାର ପ୍ରକ୍ରିୟାରେ ବିଳମ୍ବ ହେଉଥିବାରୁ ପୀଡିତାଙ୍କୁ ଅନୁକମ୍ପା ରାଶି ଦେବାକୁ ବହୁ ସମୟ ଲାଗୁଛି। ଅନେକ ସମୟରେ ମଧ ଏହି ଅନୁକମ୍ପା ରାଶି ସମ୍ପର୍କରେ ମଧ ପୀଡିତା ଜାଣିପାରୁନାହାନ୍ତି। ସୂଚନାଯୋଗ୍ୟ, ଭିକ୍ଟିମ୍ କମ୍ପେନ୍ସେସନ ସ୍କିମ୍ ଆଇନ ଅନୁସାରେ ବଳାତ୍କାର ପୀଡିତାଙ୍କ ମୃତ୍ୟୁ ଘଟିଲେ ୫ଲକ୍ଷରୁ ୧୦ ଲକ୍ଷ ପର୍ଯ୍ୟନ୍ତ ଅନୁକମ୍ପା ରାଶିର ବ୍ୟବସ୍ଥା ରହିଛି। ସେହିପରି ବଳାତ୍କାର ଶିକାର ହେଲେ ପୀଡିତାଙ୍କୁ ୪ରୁ ୭ଲକ୍ଷ, ଗଣବଳାତ୍କାର ପାଇଁ ୫ରୁ ୧୦ ଲକ୍ଷ, ଅଭିଯୁକ୍ତଙ୍କ ଆକ୍ରମଣରେ ୮୦ ପ୍ରତିଶତ ଶାରୀରିକ ଅକ୍ଷମ ହେଲେ ୨ରୁ ୫ଲକ୍ଷ, ବଳାତ୍କାର ପୀଡିତା ଗର୍ଭବତୀ ହେଲେ ୩ରୁ ୪ଲକ୍ଷ, ଏସିଡ୍ ଆକ୍ରମଣ ହେଲେ ୫ରୁ ୮ଲକ୍ଷ ପର୍ଯ୍ୟନ୍ତ ଅନୁକମ୍ପା ରାଶି ପ୍ରଦାନର ବ୍ୟବସ୍ଥା ରହିଛି।

## ସଂକ୍ଷେପରେ

### ଯୁବକଙ୍କ ମୃତଦେହ ଉଦ୍ଧାର

ଚୌଦ୍ୱାର,୩୦।୧୦(ଡି.ଏନ୍.ଏ.): ବରହମପୁର ପଞ୍ଚାୟତ ଅଧୀନ ପୁରାହିତପୁର ଗ୍ରାମ ନିକଟ ଏକ ପୋଲ ତଳୁ ଶୁକ୍ରବାର ଜଣେ ଯୁବକଙ୍କ ମୃତଦେହକୁ ଶୁକ୍ରବାର ସକାଳେ ଉଦ୍ଧାର କରାଯାଇଛି। ସେ ହେଲେ ବରହମପୁର ଗ୍ରାମର ଦୀପକ ଖୁଣ୍ଟିଆ(୨୮)। ଗୁରୁବାର ବିଳମ୍ବିତ ରାତିରେ ଦୀପକ ବାଇକରେ ଘରକୁ ଫେରୁଥିବାବେଳେ ଉକ୍ତ ପୋଲର ବାଡାରେ ପିଟି ହୋଇଯାଇଥିଲେ। ଫଳରେ ଭାରସାମ୍ୟ ହରାଇ ବାଇକ୍ ସହ ପୋଲତଳକୁ ଖସି ପଡିବାରୁ ତାଙ୍କର ମୃତ୍ୟୁ ଘଟିଥିବା ସ୍ଥାନୀୟ ଲୋକେ ଅନୁମାନ କରୁଛନ୍ତି। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ଶୁକ୍ରବାର ସକାଳେ ଚୌଦ୍ୱାର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ ଡାକ୍ତରଖାନା ପଠାଇବା ସହିତ ବାଇକ ଜବତ କରି ତଦନ୍ତ ଚଳାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ପୋଲିସ କହିଛି।

### ଅବସରପ୍ରାପ୍ତ ସାମରିକ ଅଧିକାରୀଙ୍କ ଘରୁ ଚୋରି

ଚୌଦ୍ୱାର,୩୦।୧୦(ଡି.ଏନ୍.ଏ.): ଚୌଦ୍ୱାର ଥାନା ଅଧୀନ ଧୁମାବତୀ ବିହାରରେ ରହୁଥିବା ଅବସରପ୍ରାପ୍ତ ସାମରିକ ଅଧିକାରୀ ପ୍ରମୋଦ କୁମାର ତୁଙ୍ଗଙ୍କ ଘରୁ ବୁଧବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଅଭିଯୋଗ ଅନୁଯାୟୀ, ପ୍ରମୋଦ ତାଙ୍କ ସ୍ତ୍ରୀକୁ ନେଇ ପୁଅ ରହୁଥିବା ମଧ୍ୟପ୍ରଦେଶ ଜବଲପୁର ଯାଇଛନ୍ତି। ଏପଟେ ଘରେ ତାଲା ପକାଇ ସ୍ଥାନୀୟ ଜଣେ ମହିଳାଙ୍କୁ ଦେଖାରଖା କରିବା ପାଇଁ ଘରର ଚାବି ଦେଇଯାଇଛନ୍ତି। ମାତ୍ର ରାତିରେ ମହିଳା ଜଣକ ପ୍ରମୋଦଙ୍କ ଘର ତାଲା ପକାଇ ନିଜ ଘରକୁ ଯାଇଥିଲେ। ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ପ୍ରମୋଦଙ୍କ ଘରର ତାଲା ଭାଙ୍ଗି ଭିତରେ ପଶିବା ସହ ଆଲମିରାର ଲକର ତାଡି ୨୫ ଗ୍ରାମ ଓଜନର ସୁନାହାର, କାନଫୁଲ,୧୦ଟି ସୁନାମୁଦି ଓ ୩୦ ହଜାର ଟଙ୍କା ଚୋରି କରି ପଳାଇଛନ୍ତି। ସକାଳେ ମହିଳା ଜଣକ ଏହା ଦେଖି ପ୍ରମୋଦଙ୍କୁ ଜଣାଇଥିଲେ। ପରେ ପ୍ରମୋଦ ମେଲ୍ ଯୋଗେ ଚୌଦ୍ୱାର ଥାନାରେ ଅଭିଯୋଗ କଲେ। ପୋଲିସ ଏକ ମାମଲା(ନଂ.୫୧୪/୨୦) ରୁଜୁ କରିବା ସହ ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀକୁକୁର ସହାୟତାରେ ଘଟଣାର ତଦନ୍ତ ଚଳାଇଛି।

## ପର୍ଯ୍ୟଟକଙ୍କ ସମ୍ପର୍କରେ ରିପୋର୍ଟ ଦାଖଲ ନିର୍ଦ୍ଦେଶ

ପୁରୁଣା ଭୁବନେଶ୍ୱର, ୩୦।୧୦(ଡି.ଏନ୍.ଏ.)

ଏବେ ପର୍ଯ୍ୟଟନ ଋତୁ ଆରମ୍ଭ ହୋଇଗଲାଣି। ତେଣୁ କୋଭିଡ୍-୧୯ କଟକଣା କୋହଳ ପରେ ଏକାମ୍ର କ୍ଷେତ୍ରକୁ ପର୍ଯ୍ୟଟକଙ୍କ ଆଗମନ ସଂଖ୍ୟା ବୃଦ୍ଧି ପାଇବ। ଏହାକୁ ଦୃଷ୍ଟିରେ ରଖି ଶୁକ୍ରବାର ସନ୍ଧ୍ୟାରେ ଲିଙ୍ଗରାଜ ଥାନା ଅଧିକାରୀ ଶରତ କୁମାର ପାତ୍ର ସ୍ଥାନୀୟ ହୋଟେଲ ଓ ଗେଷ୍ଟ ହାଉସ ମାଲିକମାନଙ୍କ ସହ ଆଲୋଚନା କରିଛନ୍ତି। ହୋଟେଲ ଓ ଗେଷ୍ଟ ହାଉସ ଗୁଡ଼ିକରେ କୋଭିଡ୍ ଗାଇଡଲାଇନ ପାଳନ ସହ ପର୍ଯ୍ୟଟକଙ୍କ ପରିଚୟ ପତ୍ର ଯାଞ୍ଚ, କେଉଁଠାରୁ ପର୍ଯ୍ୟଟକ ଆସିଛନ୍ତି ଏବଂ କେତେଜଣ ରହିଛନ୍ତି, ସେ ନେଇ ପ୍ରତ୍ୟେକ ଦିନ ଥାନାରେ ରିପୋର୍ଟ ଦାଖଲ କରିବାକୁ ପଡ଼ିବ। ଏ ସଂକ୍ରାନ୍ତରେ ସମସ୍ତ ହୋଟେଲ ଓ ଗେଷ୍ଟ ହାଉସ ମାଲିକମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ଥାନା ଅଧିକାରୀ ପାତ୍ର କହିଛନ୍ତି।

## କୋର୍ଟରେ ପହଞ୍ଚିଲା ପାନ୍ଥନିବାସ ଘରୋଇକରଣ ପ୍ରସଙ୍ଗ

ଭୁବନେଶ୍ୱର, ୩୦।୧୦ (ବ୍ୟୁରୋ): ଦାବି କଲେ, ନେହୁରା ହେଲେ। ତଥାପି ସରକାର ପାନ୍ଥ ନିବାସ ଘରୋଇକରଣ ପ୍ରସ୍ତାବରୁ ଓହରିଲେ ନାହିଁ। ନଭେମ୍ବର ୪ରେ ଏନେଇ ଟେଣ୍ଡର ରହିଥିବାବେଳେ ଏହି ପ୍ରସଙ୍ଗ ଶୁକ୍ରବାର କୋର୍ଟରେ ପହଞ୍ଚିଛି। ଉତ୍କଳ ପର୍ଯ୍ୟଟନ ନିଗମ କର୍ମଚାରୀ ସଂଘର କାର୍ଯ୍ୟକାରୀ ସଭାପତି ବେଣୁଧର ପାତ୍ର ଦେୱାନୀ ସିଭିଲ୍ ଜଜ୍ ସିନିୟର ଡିଭିଜନ ଭୁବନେଶ୍ୱରଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପାତ୍ର କହିଛନ୍ତି, ପାନ୍ଥ ନିବାସ ଲାଭଦାୟୀ ସଂସ୍ଥା ଭାବେ ରୌପ୍ୟ ଉଦ୍ୟୋଗର ତାଲିକାଭୁକ୍ତ ହୋଇପାରିଛି। ୩୦ କୋଟିର ଲାଭ ଅର୍ଜନ କରିଛି। ମାତ୍ର ଏହାର ଉନ୍ନତି ନିମନ୍ତେ ଉଦ୍ୟମ କରିବା ପରିବର୍ତ୍ତେ ଏହାକୁ ଘରୋଇକରଣ କରିବା ଦ୍ୱାରା ଏହା ଉପରେ ନିର୍ଭର କରୁଥିବା ୧ ହଜାର କର୍ମଚାରୀ କ୍ଷତିଗ୍ରସ୍ତ ହେବେ। ସୂଚନାଯୋଗ୍ୟ, ବାଲେଶ୍ୱର, ଭଦ୍ରକ, ଗୋପାଳପୁର, ତପ୍ତପାଣି, ଧଉଳି ପାନ୍ଥିକାକୁ ୩୦ ବର୍ଷିଆ ଲିଜ୍‌ରେ ଦେବାକୁ ସରକାର ନିଷ୍ପତ୍ତି ନେଇଛନ୍ତି।




ରାଷ୍ଟ୍ରୀୟ ଏକତା ଦିବସ ଉପଲକ୍ଷେ ଶୁକ୍ରବାର ପୁରୀ ବେଳାଭୂମିରେ ଅନ୍ତର୍ଜାତୀୟ ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା।




ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପ ନିକଟ ଏସ୍‌ବିଆଇ ସମ୍ମୁଖରେ ଶିଳ୍ପୀ ସୁବଳ ମହାରଣାଙ୍କ ଦ୍ୱାରା ପ୍ରସ୍ତୁତ ବାଲୁକାକଳା।

# କାର୍ତ୍ତିକରେ ଅବଢ଼ା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା

ପୁରୀ ଅଫିସ, ୩୦।୧୦:

- ଆରମ୍ଭ ହେଲା ଶେଡ୍ ନିର୍ମାଣ
- ସ୍ଥିତି ପରଖିଲେ ଉପଜିଲାପାଳ

କୁମାର ପୂର୍ଣ୍ଣିମା ପରଦିନଠାରୁ ଅର୍ଥାତ୍ ନଭେମ୍ବର ୧ରୁ ଧର୍ମମାସ କାର୍ତ୍ତିକ ଆରମ୍ଭ ହେଉଛି। ଏହି ପବିତ୍ର ମାସରେ ପୁରୀରେ ବହୁ ସଂଖ୍ୟାରେ ହବିଷିଆଳି ରହି କାର୍ତ୍ତିକ ବ୍ରତ ପାଳିଥାନ୍ତି। ହେଲେ ଏଥର କୋଭିଡ୍ କଟକଣା ପାଇଁ ସବୁଥିରେ ବ୍ୟତିକ୍ରମ ଘଟିଛି। ଶ୍ରୀମନ୍ଦିର ଭିତରକୁ ଭକ୍ତଙ୍କୁ ଛଡ଼ାଯାଉ ନ ଥିବାବେଳେ ହବିଷିଆଳିଙ୍କୁ ମଧ ଶ୍ରୀକ୍ଷେତ୍ରକୁ ନ ଆସି ଘରେ ରହି କାର୍ତ୍ତିକ ବ୍ରତ ପାଳନ କରିବା ଲାଗି ପୁରୀ ଜିଲା ପ୍ରଶାସନ ଅନୁରୋଧ କରିଛି। ତଥାପି ଅନେକ ହବିଷିଆଳି ପୁରୀ ଆସି ସେମାନଙ୍କ ସମ୍ପର୍କୀୟଙ୍କ ଘରେ ରହିଛନ୍ତି। ଅନ୍ୟପକ୍ଷରେ କାର୍ତ୍ତିକ ମାସରେ ମହାପ୍ରସାଦର ଚାହିଦା ଅଧିକ ରହିଥାଏ। ତେଣୁ ସମସ୍ତଙ୍କୁ କିପରି କୋଭିଡ୍ କଟକଣା ପାଳନ ସହ ସୁବିଧାରେ ମହାପ୍ରସାଦ ଯୋଗାଇ ଦିଆଯାଇପାରିବ ତାହା ଉପରେ ପ୍ରଶାସନ ଗୁରୁତ୍ୱ ଦେଇଛି। ଶ୍ରୀମନ୍ଦିର ଉତ୍ତର ଓ ଦକ୍ଷିଣ ଦ୍ୱାରରେ ଶେଡ୍ ତିଆରି କରାଯାଇ ମହାପ୍ରସାଦ ଯୋଗାଇ ଦିଆଯିବ। ଏଥିଲାଗି ଶୁକ୍ରବାର ଉପଜିଲାପାଳ ଭବତାରଣ ସାହୁ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ବୁଲି ସ୍ଥିତି ପରଖିଛନ୍ତି। ଶେଡ୍ ନିର୍ମାଣସ୍ଥଳକୁ ସମତୁଲ କରାଯାଇଛି। ଶନିବାର ଶେଡ୍ କାମ ସମ୍ପୂର୍ଣ୍ଣ ହୋଇଯିବ ବୋଲି ଜଣାପଡ଼ିଛି।

ପ୍ରତିବର୍ଷ କାର୍ତ୍ତିକ ମାସରେ ପୁରୀକୁ ହଜାର ହଜାର ସଂଖ୍ୟାରେ ହବିଷିଆଳି ଆସି ବ୍ରତ ପାଳିଥାନ୍ତି। ସରକାରଙ୍କ ପକ୍ଷରୁ ମଧ ୨୦୧୬ ପରଠାରୁ ହବିଷିଆଳି ଯୋଜନା କରାଯାଇଛି। ଏହି ଯୋଜନାରେ ପ୍ରତିବର୍ଷ ପ୍ରାୟ ୩ହଜାର ହବିଷିଆଳିଙ୍କୁ ମାଗଣାରେ ରହିବା, ଖାଇବା ଏବଂ ବ୍ରତ କରିବା ଲାଗି ସମସ୍ତ ସୁବିଧା ଯୋଗାଇ ଦିଆଯାଇଆସୁଛି। କିନ୍ତୁ ଚଳିତବର୍ଷ କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ହବିଷିଆଳି ଶିବିର ବନ୍ଦ ରଖାଯାଇଛି। ତଥାପି ଅନେକ ହବିଷିଆଳି ପୁରୀ ଆସି ନିଜସ୍ୱ ଉଦ୍ୟମରେ ରହିଛନ୍ତି। ତେଣୁ ହବିଷିଆଳିମାନେ କିପରି ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ପରିକ୍ରମା ସହ ସିଂହଦ୍ୱାର ସମ୍ମୁଖରୁ ପତିତପାବନଙ୍କୁ ଦର୍ଶନ କରିବେ ଏବଂ ମହାପ୍ରସାଦ ପାଇବେ ସେଥିଲାଗି ଉପଜିଲାପାଳ ଏବଂ ଅନ୍ୟ ଅଧିକାରୀମାନେ ବ୍ୟବସ୍ଥାର ଅନୁଧ୍ୟାନ କରିଛନ୍ତି।

ଏ ସଂକ୍ରାନ୍ତରେ ସୁଆର ମହାସୁଆର ନିଯୋଗ ସମ୍ପାଦକ କୃଷ୍ଣଚନ୍ଦ୍ର ପ୍ରତିହାରୀ କହିଛନ୍ତି, ସାଧାରଣତଃ କାର୍ତ୍ତିକ ମାସରେ ପୁରୀ ସହରର ପ୍ରାୟ ପ୍ରତି ଘରେ ମହାପ୍ରସାଦ ସେବନ କରିଥାନ୍ତି। ବାହାରୁ ଆସୁଥିବା ହବିଷିଆଳି ଓ ଭକ୍ତ ଅବଢ଼ା ପାଇବା ସହିତ ଘରକୁ ନେଇଥାନ୍ତି। ଯେହେତୁ ଏବର୍ଷ କୋଭିଡ୍ କଟକଣା ପାଇଁ ଶ୍ରଦ୍ଧାଳୁଙ୍କୁ ମନ୍ଦିର ଭିତରକୁ ଛଡ଼ାଯାଉ ନାହିଁ ତେଣୁ କିପରି ସୁବିଧାରେ ମହାପ୍ରସାଦ ପାଇବେ ସେଥିଲାଗି ବ୍ୟବସ୍ଥା କରାଯାଉଛି। ଉତ୍ତର ଓ ଦକ୍ଷିଣ ଦ୍ୱାରରେ ପ୍ରଶାସନ ପକ୍ଷରୁ ଶେଡ୍ କରାଯିବ। ବୋଝିଆମାନେ ଅବଢ଼ା ସେଠାରେ ପହଞ୍ଚାଇବେ। ଭକ୍ତ ଟୋକନ କାଟି ଏହା ପାଇପାରିବେ।

# ଗଡ଼ିଲା ସଞ୍ଚୟ ସଚେତନତା ରଥ

କଟକ ଅଫିସ/ପୁରୀ ଅଫିସ/ ଖୋର୍ଦ୍ଧା ଅଫିସ, ୩୦।୧୦

ବିଶ୍ୱ ମିତବ୍ୟୟିତା ଦିବସରେ ଶୁକ୍ରବାର ବିଭିନ୍ନ ସ୍ଥାନରେ ସଞ୍ଚୟ ସଚେତନତା ରଥ ଗଡ଼ିଛି। ଅଣରାଷ୍ଟ୍ରାୟତ୍ତ ଓ ଚିଟ୍‌ଫଣ୍ଡ ସଂସ୍ଥାଠାରୁ ଦୂରେଇ ରହିବା ସହ ଡାକଘର ଏବଂ ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ ଅର୍ଥ ସଞ୍ଚୟ କରିବାକୁ ସଚେତନ କରାଯାଇଛି। କଟକଠାରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ସଞ୍ଚୟ ରଥର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ବିଜୟ ଖଣ୍ଡାୟତରାୟ, ଡିଆଇପିଆର୍‌ଓ ଅଶୋକ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ପୁରୀ ଜିଲା ପ୍ରଶାସନ ପକ୍ଷରୁ ବିଶ୍ୱ ମିତବ୍ୟୟିତା ଦିବସ ପାଳିତ ହୋଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସଞ୍ଚୟ ରଥକୁ ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ନାଥଶର୍ମା ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ବିଭୂତି ଭୂଷଣ ନାୟକ, ରାଜସ୍ୱ ସହାୟକ ଦୀପ୍ତିପ୍ରକାଶ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଖୋର୍ଦ୍ଧା ଜିଲାପାଳଙ୍କ ଅଫିସ ପରିସରରେ ଜିଲାପାଳ ସନତ୍ ମହାନ୍ତି ସଞ୍ଚୟ ରଥର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ମନୋଜ ପାଢୀ, ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ସତ୍ୟନାରାୟଣ ବେହେରା, ଡିଆଇପିଆର୍‌ଓ ମାନସ ରଞ୍ଜନ ବିଶ୍ୱାଳ ଉପସ୍ଥିତ ଥିଲେ।

# ମୁହଁ ଖୋଲିଲେ କଳାକାର




କଟକ ଅଫିସ,୩୦।୧୦

## ନବୀନ ନିବାସ ଘେରାଉ ଚେତାବନୀ

ରାଜ୍ୟରେ କରୋନା ସ୍ଥିତି ପ୍ରାୟତଃ ନିୟନ୍ତ୍ରଣାଧୀନ ରହିଛି। ଏବେ ବ୍ୟବସାୟିକ ପ୍ରତିଷ୍ଠାନ ଖୋଲିଲାଣି। ହେଲେ ସଙ୍ଗୀତ ଓ ଯାତ୍ରା କଳାକାରମାନଙ୍କ ସମସ୍ୟା ପ୍ରତି ସରକାର ଦୃଷ୍ଟି ଦେଉନାହାନ୍ତି। କୌଣସି ସାଂସ୍କୃତିକ କାର୍ଯ୍ୟକ୍ରମ ହେଉ ନ ଥିବାରୁ କଳାକାରମାନେ ଆର୍ଥିକ ଦୁରବସ୍ଥା ଭିତରେ ଗତି କରୁଛନ୍ତି। ଏସବୁ ସମସ୍ୟାର ସମାଧାନ କରା ନ ଗଲେ ଖୁବ୍‌ଶୀଘ୍ର ନବୀନ ନିବାସ ଘେରାଉ କରାଯିବ ବୋଲି ଚେତାବନୀ ଦେଇଛି ଓଡ଼ିଶା ମ୍ୟୁଜିକ୍ ଆର୍ଟିଷ୍ଟ ୱେଲଫେୟାର ଆସୋସିଏଶନ। କଟକ ସନ୍‌ସାଇନ୍ ପଡିଆ ନିକଟସ୍ଥ ଏକ ହୋଟେଲରେ ଶୁକ୍ରବାର ଏ ନେଇ ଖବରଦାତା ସମ୍ମିଳନୀ ଆୟୋଜିତ ହୋଇଥିଲା। ଏଥିରେ ସଂଘ ସଭାପତି ତଥା ସଙ୍ଗୀତ ନିର୍ଦ୍ଦେଶକ ଅଭିଜିତ୍ ମଜୁମ୍‌ଦାର କହିଥିଲେ, ବାଲେଶ୍ୱର ଏବଂ ତିର୍ତ୍ତୋଲ ଉପନିର୍ବାଚନ ପାଇଁ ବହୁ ସଂଖ୍ୟାରେ ଲୋକ ପ୍ରଚାରରେ ମାତିଛନ୍ତି। ସରକାର ସେମାନଙ୍କ ପ୍ରତି କିଛି କାର୍ଯ୍ୟାନୁଷ୍ଠାନ ନେଉ ନାହାନ୍ତି। କିନ୍ତୁ କଳାକାରମାନଙ୍କୁ ଜନଗହଳିପୂର୍ଣ୍ଣ ସ୍ଥାନରେ ପ୍ରୋଗ୍ରାମ୍ ନ କରିବାକୁ ନିର୍ଦ୍ଦେଶ ରହିଛି। ଏଥିଯୋଗୁ କଳାକାରମାନଙ୍କୁ ଚଳିବାରେ ବହୁ ଅସୁବିଧା ହେଉଛି। ଯାହାଫଳରେ କେତେଜଣ କଳାକାର ବାଧ ହୋଇ ନିଜର ବାଦ୍ୟଯନ୍ତ୍ର ବିକି ଅଭାବ ଦୂର କରୁଛନ୍ତି। ଯାତ୍ରା କଳାକାର ସଂଘ ସଭାପତି ଦୈତାରୀ ପଣ୍ଡା କହିଛନ୍ତି, ସରକାର ଅସୁବିଧା କଥା ନ ବୁଝିଲେ କଳାକାରମାନେ ବାଧ ହୋଇ ରାଜରାସ୍ତାକୁ ଓହ୍ଲାଇବେ। ଏଥିପାଇଁ ସରକାରଙ୍କୁ ଜବାବ ଦେବାକୁ ପଡିବ। ଏହି ସମ୍ମିଳନୀରେ ଅନୁଷ୍ଠାନର ସମ୍ପାଦକ ଜିତୁ ମଙ୍ଗରାଜ, କଣ୍ଠଶିଳ୍ପୀ ଗୀତା ଦାଶ, ବିଭୁକିଶୋର ନନ୍ଦ, ତାରିକ୍ ଅଜିଜ, ବିଷ୍ଣୁମୋହନ କବି, ନରେନ୍ଦ୍ର ସାହୁ, ଗୌରହରି ଦାସ ଯୋଗଦେଇଥିଲେ।


ଦକ୍ଷିଣ ପୂର୍ବ ମଧ ରେଳପଥ

ସିଭିଲ କାର୍ଯ୍ୟ ପାଇଁ ଟେଣ୍ଡର ବିଜ୍ଞପ୍ତି

ଇ-ଟେଣ୍ଡର ନଂ. ଡିଆର୍‌ଏମ୍-ଇଏନ୍‌ଜିଜି-ବିଏସ୍‌ପି-ଟି-୮୮-୨୦-୨୧, ତାରିଖ: ୨୯।୧୦।୨୦୨୦ କାର୍ଯ୍ୟ: ବିଳାସପୁର ଡିଭିଜନର ଅକଲତାରା ରେଳ ଷ୍ଟେଶନଠାରେ ମେସର୍ସ କେଏସ୍‌କେଏମ୍ ପିସିଏଲ୍ ସାଇଡିଂକୁ ସେବାପ୍ରଦାନ ପାଇଁ ରେଳ ଇନ୍‌ଫ୍ରାର ବଳକା କାର୍ଯ୍ୟ। (ସିଭିଲ କାର୍ଯ୍ୟ) । ଟେଣ୍ଡର ମୂଲ୍ୟ: ₹୧,୩୧,୪୮,୭୨୦.୪୯/-। ଇଏମ୍‌ଡି: ₹୨,୧୫,୮୦୦/-, ସମାପ୍ତି ଅବଧି: ୦୩ ମାସ। ଟେଣ୍ଡର ଦାଖଲର ଆରମ୍ଭ ତାରିଖ: ତା୦୯।୧୧।୨୦୨୦ରିଖ ୧୧.୦୦ ଘଟିକାରୁ। ଟେଣ୍ଡର ଦାଖଲର ଶେଷ ତାରିଖ: ତା୨୩।୧୧।୨୦୨୦ରିଖ ୧୧.୦୦ ଘଟିକା ପର୍ଯ୍ୟନ୍ତ। ଉପରୋକ୍ତ ଇ-ଟେଣ୍ଡର ବିଜ୍ଞପ୍ତିର ସମ୍ପୂର୍ଣ୍ଣ ସୂଚନା ୱେବ୍‌ସାଇଟ୍ - www.ireps.gov.inରେ ଉପଲବ୍ଧ। ଉପରୋକ୍ତ କାର୍ଯ୍ୟ ପାଇଁ ଇ-ବିଡ୍ ବ୍ୟତୀତ ଅନ୍ୟ କୌଣସି ବିଡ୍ ଗ୍ରହଣ କରାଯିବ ନାହିଁ ଏବଂ ଟେଣ୍ଡର କାଗଜପତ୍ର ତା୨୯।୧୦।୨୦୨୦ରିଖ ଦିନ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ କରାଯାଇଛି।

ଡିଭିଜନାଲ ରେଲ୍‌ୱେ ମ୍ୟାନେଜର/ଇଏନ୍‌ଜିଜି.
CPR/10/292 ଏସ୍.ଇ.ସି. ରେଳପଥ/ବିଳାସପୁର
South East Central Railway @secrail



ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ Union Bank of India
ନୟାପଲ୍ଲୀ ଶାଖା
୩/୧୯ଏ, ସିଭିକ୍ ସେଣ୍ଟର, ଆଇଆର୍‌ସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

ଦଖଲ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ)

[ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)]

ନିମ୍ନ ସ୍ୱାକ୍ଷରକାରୀ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ନୟାପଲ୍ଲୀ ଶାଖାର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ଚୁକ୍ତି ହାରରେ ସୁଧ ଏବଂ ଅନ୍ୟାନ୍ୟ ଦେୟ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ ୬୦ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନେ ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡିକୁ ଦଖଲକୁ ନେଇଛନ୍ତି। ଏତଦ୍ଦ୍ୱାରା ବିଶେଷ କରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତିଗୁଡିକ ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ସୁଧ ନିମନ୍ତେ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ନିକଟରେ ଉତ୍ତରଦାୟୀ ରହିବେ। ଏତଦ୍ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।

| ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ |
|---|---|---|---|
| ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା: ଶ୍ରୀ ବ୍ରଜ କିଶୋର ସାହୁ, ପିତା: ନାରାୟଣ ସାହୁ, ବାସସ୍ଥାନ ଠିକଣା- ସା: ନୂଆସାହି, ପୋ.: ମଝିହରା, ଥାନା: ବାଲିପାଟଣା, ଜିଲ୍ଲା: ଖୋର୍ଦ୍ଧା | ଟ.୪୯,୭୭,୨୬୫/- + ସେବାବଦ ସୁଧ | ୨୦.୧୦.୨୦୨୦/ ୨୮.୧୦.୨୦୨୦ | ଶ୍ରୀ ବ୍ରଜ କିଶୋର ସାହୁଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ସମ୍ପତ୍ତି ଯାହାର ଫ୍ଲାଟ୍ ନଂ.: ୩୦୧, ୨ୟ ମହଲା, "ଜିଡିଏସ୍ ଭବନ", ସାବିକ ବନ୍ଦୋବସ୍ତ ଖାତା ନଂ.: ୭୬, ପ୍ଲଟ୍ ନଂ.: ୨୨୨/୫୩୫ ଏବଂ ମ୍ୟୁଟେସନ୍ ଖାତା ନଂ.: ୧୯୦/୨୦୫, ପ୍ଲଟ୍ ନଂ.: ୧୯୧/୧୦୨୭, ମୌଜା: ପୋଖରୀପୁଟ, ସବ୍-ରେଜିଷ୍ଟ୍ରାର: ଖଣ୍ଡଗିରି, ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଏହାର ଚଉପାର୍ଶ୍ୱରେ ପୂର୍ବ: ରାସ୍ତା, ପଶ୍ଚିମ: ଖାଲି ଜମି, ଉତ୍ତର: ଦିବାକର ପାତ୍ର, ଦକ୍ଷିଣ: ୟୁବିଆଇ ପୋଖରୀପୁଟ ଶାଖା |
| ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା: ଶ୍ରୀ ଛବି ଲେଙ୍କା, ପିତା: ବେଣୁ ଲେଙ୍କା, ବାସସ୍ଥାନ ଠିକଣା- ସା: ଦଣ୍ଡିରୀ, ପୋ.: ରାସୋଳ, ଥାନା: ରାସୋଳ, ଜିଲ୍ଲା: ଢେଙ୍କାନାଳ | ଟ.୫୦,୩୦,୨୨୧/- + ସେବାବଦ ସୁଧ | ୨୦.୧୦.୨୦୨୦/ ୨୮.୧୦.୨୦୨୦ | ଶ୍ରୀ ଛବି ଲେଙ୍କାଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ସମ୍ପତ୍ତି ଯାହାର ଫ୍ଲାଟ୍ ନଂ.: ୩୦୨, ୨ୟ ମହଲା, "ଜିଡିଏସ୍ ଭବନ", ସାବିକ ବନ୍ଦୋବସ୍ତ ଖାତା ନଂ.: ୭୬, ପ୍ଲଟ୍ ନଂ.: ୨୨୨/୫୩୫ ଏବଂ ମ୍ୟୁଟେସନ୍ ଖାତା ନଂ.: ୧୯୦/୨୦୫, ପ୍ଲଟ୍ ନଂ.: ୧୯୧/୧୦୨୭, ମୌଜା: ପୋଖରୀପୁଟ, ସବ୍-ରେଜିଷ୍ଟ୍ରାର: ଖଣ୍ଡଗିରି, ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଏହାର ଚଉପାର୍ଶ୍ୱରେ ପୂର୍ବ: ରାସ୍ତା, ପଶ୍ଚିମ: ଖାଲି ଜମି, ଉତ୍ତର: ଦିବାକର ପାତ୍ର, ଦକ୍ଷିଣ: ୟୁବିଆଇ ପୋଖରୀପୁଟ ଶାଖା |
| ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା: ଶ୍ରୀମତୀ ସ୍ନିଗ୍ଧାମୟୀ ମଙ୍ଗରାଜ, ସ୍ୱାମୀ: ନିତ୍ୟାନନ୍ଦ ମଙ୍ଗରାଜ, ବାସସ୍ଥାନ ଠିକଣା- ସା: ଜଙ୍ଗାବଣିଆ, ପୋ.: ଗର୍ଷଣପୁଟ, ଥାନା: କଣାସ, ଜିଲ୍ଲା: ପୁରୀ | ଟ.୫୦,୬୯,୨୧୬/- + ସେବାବଦ ସୁଧ | ୨୦.୧୦.୨୦୨୦/ ୨୮.୧୦.୨୦୨୦ | ଶ୍ରୀମତୀ ସ୍ନିଗ୍ଧାମୟୀ ମଙ୍ଗରାଜଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ସମ୍ପତ୍ତି ଯାହାର ଫ୍ଲାଟ୍ ନଂ.: ୩୦୩, ୨ୟ ମହଲା, "ଜିଡିଏସ୍ ଭବନ", ସାବିକ ବନ୍ଦୋବସ୍ତ ଖାତା ନଂ.: ୭୬, ପ୍ଲଟ୍ ନଂ.: ୨୨୨/୫୩୫ ଏବଂ ମ୍ୟୁଟେସନ୍ ଖାତା ନଂ.: ୧୯୦/୨୦୫, ପ୍ଲଟ୍ ନଂ.: ୧୯୧/୧୦୨୭, ମୌଜା: ପୋଖରୀପୁଟ, ସବ୍-ରେଜିଷ୍ଟ୍ରାର: ଖଣ୍ଡଗିରି, ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଏହାର ଚଉପାର୍ଶ୍ୱରେ ପୂର୍ବ: ରାସ୍ତା, ପଶ୍ଚିମ: ଖାଲି ଜମି, ଉତ୍ତର: ଦିବାକର ପାତ୍ର, ଦକ୍ଷିଣ: ୟୁବିଆଇ ପୋଖରୀପୁଟ ଶାଖା |
| ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା: ଶ୍ରୀ ନୃସିଂହ ଚରଣ ବେହେରା, ପିତା: ହଟ କିଶୋର ବେହେରା, ବାସସ୍ଥାନ ଠିକଣା- ସା: ଦକ୍ଷିଣରାଡାସ, ଶାଇଁସଶାସନ, ପୋ.: ଦକ୍ଷିଣରାଡାସ, ଥାନା: ବଳଙ୍ଗା, ଜିଲ୍ଲା: ପୁରୀ | ଟ.୨୮,୧୮,୫୫୭/- + ସେବାବଦ ସୁଧ | ୨୦.୧୦.୨୦୨୦/ ୨୮.୧୦.୨୦୨୦ | ଶ୍ରୀ ନୃସିଂହ ଚରଣ ବେହେରାଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ସମ୍ପତ୍ତି ଯାହାର ଫ୍ଲାଟ୍ ନଂ.: ୪୦୧, ୩ୟ ମହଲା, "ଜିଡିଏସ୍ ଭବନ", ସାବିକ ବନ୍ଦୋବସ୍ତ ଖାତା ନଂ.: ୭୬, ପ୍ଲଟ୍ ନଂ.: ୨୨୨/୫୩୫ ଏବଂ ମ୍ୟୁଟେସନ୍ ଖାତା ନଂ.: ୧୯୦/୨୦୫, ପ୍ଲଟ୍ ନଂ.: ୧୯୧/୧୦୨୭, ମୌଜା: ପୋଖରୀପୁଟ, ସବ୍-ରେଜିଷ୍ଟ୍ରାର: ଖଣ୍ଡଗିରି, ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଏହାର ଚଉପାର୍ଶ୍ୱରେ ପୂର୍ବ: ରାସ୍ତା, ପଶ୍ଚିମ: ଖାଲି ଜମି, ଉତ୍ତର: ଦିବାକର ପାତ୍ର, ଦକ୍ଷିଣ: ୟୁବିଆଇ ପୋଖରୀପୁଟ ଶାଖା |

ସ୍ଥାନ : ଭୁବନେଶ୍ୱର, ତାରିଖ: ୩୦.୧୦.୨୦୨୦ ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ



ଆବଶ୍ୟକ
ଘର କାମ ପାଇଁ ଝିଅ ପିଲା ଦରକାର। ରହିବା, ଖାଇବା ମାଗଣା।
ଦରମା: କାମ ଦେଖି ଦିଆଯିବ।
7016330321, 6371887781

WANTED
RECEPTIONIST for a UNISEX BEAUTY SALOON at Paradip. Candidate having minimum one year experience. Both Male & Female can contact.
Mobile No.
9938389945, 6371325588

WANTED
Covid-19 ଯୋଗୁଁ Jobless ଥିବା Candidatesଙ୍କୁ ଏକ MNC ତାର Cuttack Branch ରେ ସ୍ଥାୟୀ ନିଯୁକ୍ତି ଦେଉଛି ।
Qualification : +2/Above
Age : 18-30yrs
Monthly : Rs 9000/- to Rs.20000/-
Contact-7978772624

WANTED
ନିଜ ଜିଲ୍ଲାରେ ରହିବା, ଖାଇବା ସୁବିଧା ଦିଆଯିବ। Salary: 9000/- to 27,000/. Qualification- 7th to 10th & above.
Contact:8144204606

WALK-IN-INTERVIEW
ଭୁବନେଶ୍ୱରସ୍ଥିତ ପେଟ୍ରୋଲ ପମ୍ପରେ ତେଲ ପକାଇବା ନିମନ୍ତେ ବ୍ୟକ୍ତି ଆବଶ୍ୟକ ।
ଯୋଗାଯୋଗ ସ୍ଥାନ - Indian Oil Petrol Pump, ତମଣ୍ଡା ଛକ ଓ ପଟିଆ ଛକ ମଧ୍ୟରେ, (ଦିବା ୧୨ ରୁ ସନ୍ଧ୍ୟା ୬ ମଧ୍ୟରେ) ଯୋଗାଯୋଗ ବ୍ୟକ୍ତି - ଶ୍ରୀ ପ୍ରଦୀପ କୁମାର ନାୟକ ଓ ପ୍ରଶାନ୍ତ କୁମାର ଜେନା



इंस्टीट्यूट ऑफ बैंकिंग पर्सोनेल सिलेक्शन
(भारतीय रिज़र्व बैंक, केंद्रीय वित्तीय संस्थाओं व सार्वजनिक क्षेत्र के बैंकों द्वारा स्थापित एक स्वायत्त संस्था)
INSTITUTE OF BANKING PERSONNEL SELECTION
(An autonomous body set up by Reserve Bank of India, Central Financial Institutions and Public Sector Banks)
IBPS प्रज्ञाविभावनम्
असेसमेंट में, हम पर भरोसा रखता है भारत — In assessment, India trusts us
ପ୍ରାଧିକୃତ ୱେବ୍‌ସାଇଟ୍: www.ibps.in
ପ୍ରଶ୍ନ/ଅଭିଯୋଗ କ୍ଷେତ୍ରରେ ଦୟାକରି ଲଗ୍‌ଇନ୍ କରନ୍ତୁ http://cgrs.ibps.in/

ଅଂଶଗ୍ରହଣକାରୀ ସଙ୍ଗଠନଗୁଡ଼ିକରେ ସ୍ପେଶାଲିଷ୍ଟ ଅଫିସର୍ସ ନିଯୁକ୍ତି ନିମନ୍ତେ ସାଧାରଣ ନିଯୁକ୍ତି ପ୍ରକ୍ରିୟା (୨୦୨୧-୨୨ର ଖାଲିପଦବୀଗୁଡ଼ିକ ନିମନ୍ତେ ସିଆର୍‌ପି ଏସ୍‌ପିଏଲ୍-X)

ଅଂଶଗ୍ରହଣକାରୀ ସଙ୍ଗଠନଗୁଡ଼ିକରେ ନିମ୍ନ ତାଲିକା ଅନୁଯାୟୀ ସ୍ପେଶାଲିଷ୍ଟ ଅଫିସର୍ସ କ୍ୟାଡର୍ ପଦବୀରେ କର୍ମଚାରୀ ଚୟନ ପାଇଁ ପରବର୍ତ୍ତୀ ସାଧାରଣ ନିଯୁକ୍ତି ପ୍ରକ୍ରିୟା (ସିଆର୍‌ପି) ଲାଗି ଅନ୍‌ଲାଇନ୍ ପରୀକ୍ଷା (ପ୍ରିଲିମିନାରି ଏବଂ ମେନ୍) ଡିସେମ୍ବର ୨୦୨୦/ଜାନୁୟାରୀ ୨୦୨୧ରେ ଅନୁଷ୍ଠିତ ହେବା ସମ୍ଭାବନା ଅଛି ।

| କ୍ର.ସଂ. | ପଦବୀ |
|---|---|
| ୦୧ | ଆଇ.ଟି. ଅଫିସର୍ (ସ୍କେଲ୍-I) |
| ୦୨ | ଏଗ୍ରିକଲ୍‌ଚରାଲ୍ ଫିଲ୍ଡ ଅଫିସର୍ (ସ୍କେଲ୍ I) |
| ୦୩ | ରାଜଭାଷା ଅଧିକାରୀ (ସ୍କେଲ୍ I) |
| ୦୪ | ଲ' ଅଫିସର୍ (ସ୍କେଲ୍ I) |
| ୦୫ | ଏଚ୍‌ଆର୍/ପର୍ସୋନେଲ୍ ଅଫିସର୍ (ସ୍କେଲ୍ I) |
| ୦୬ | ମାର୍କେଟିଂ ଅଫିସର୍ (ସ୍କେଲ୍ I) |

କାର୍ଯ୍ୟକ୍ରମର ସମ୍ଭାବ୍ୟ ସମୟସୂଚୀ ନିମ୍ନ ଅନୁଯାୟୀ ହେବ:

| କାର୍ଯ୍ୟକ୍ରମ | ସମ୍ଭାବ୍ୟ ତାରିଖ |
|---|---|
| ଅନ୍‌ଲାଇନ୍ ପଞ୍ଜୀକରଣ ସମେତ ପ୍ରାର୍ଥୀମାନଙ୍କ ଦ୍ୱାରା ଦରଖାସ୍ତର ସମ୍ପାଦନ/ସଂଶୋଧନ | ୦୨।୧୧।୨୦୨୦-୨୩।୧୧।୨୦୨୦ |
| ଦରଖାସ୍ତ ଦେୟ/ଇଣ୍ଟିମେଶନ୍ ଶୁଳ୍କ ପୈଠ (ଅନ୍‌ଲାଇନ୍) | ୦୨।୧୧।୨୦୨୦-୨୩।୧୧।୨୦୨୦ |
| ଅନ୍‌ଲାଇନ୍ ପରୀକ୍ଷା - ପ୍ରିଲିମିନାରି ନିମନ୍ତେ କଲ୍ ଲେଟର୍ ଡାଉନ୍‌ଲୋଡ୍ | ଡିସେମ୍ବର ୨୦୨୦ |
| ଅନ୍‌ଲାଇନ୍ ପରୀକ୍ଷା - ପ୍ରିଲିମିନାରି | ୨୬।୧୨।୨୦୨୦ ଓ ୨୭।୧୨।୨୦୨୦ |
| ଅନ୍‌ଲାଇନ୍ ପରୀକ୍ଷା - ପ୍ରିଲିମିନାରିର ପରୀକ୍ଷାଫଳ | ଜାନୁୟାରୀ ୨୦୨୧ |
| ଅନ୍‌ଲାଇନ୍ ପରୀକ୍ଷା-ମେନ୍ ନିମନ୍ତେ କଲ୍ ଲେଟର୍ ଡାଉନଲୋଡ୍ | ଜାନୁୟାରୀ ୨୦୨୧ |
| ଅନ୍‌ଲାଇନ୍ ପରୀକ୍ଷା - ମେନ୍ | ୨୪।୦୧।୨୦୨୧ |
| ଅନ୍‌ଲାଇନ୍ ମେନ୍ ପରୀକ୍ଷାର ପରୀକ୍ଷାଫଳ ଘୋଷଣା | ଫେବୃୟାରୀ ୨୦୨୧ |
| ସାକ୍ଷାତ୍‌କାର ପାଇଁ କଲ୍ ଲେଟର୍ ଡାଉନ୍‌ଲୋଡ୍ | ଫେବୃୟାରୀ ୨୦୨୧ |
| ସାକ୍ଷାତ୍‌କାର ସଞ୍ଚାଳନ | ଫେବୃୟାରୀ ୨୦୨୧ |
| ପରୀକ୍ଷାମୂଳକ ଆବଣ୍ଟନ | ଏପ୍ରିଲ ୨୦୨୧ |

ବିବରଣୀ ତଥା ଅପ୍‌ଡେଟ୍ ପାଇଁ ନିୟମିତ ଭାବେ ପ୍ରାଧିକୃତ ଆଇବିପିଏସ୍ ୱେବ୍‌ସାଇଟ୍ www.ibps.in ଦେଖିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି । ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରିବା ପୂର୍ବରୁ ତା୦୨।୧୧।୨୦୨୦ରିଖର ସବିଶେଷ ଅଧିସୂଚନା ପଢ଼ିବା ତଥା ସେଥିରେ ପ୍ରଦତ୍ତ ନିର୍ଦ୍ଦେଶାବଳୀର ଅନୁପାଳନ କରିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି ।
ମୁମ୍ବାଇ
ତାରିଖ: ୨୮।୧୦।୨୦୨୦ ନିର୍ଦ୍ଦେଶକ

## ବର୍ଜ୍ୟବସ୍ତୁ ପୃଥକୀକରଣ ଅଭିଯାନ ଆରମ୍ଭ

ଭୁବନେଶ୍ୱର, (ବ୍ୟୁରୋ): ଭୁବନେଶ୍ୱରରେ ବିଏମ୍‌ସି ପକ୍ଷରୁ ବର୍ଜ୍ୟବସ୍ତୁ ପୃଥକୀକରଣ ଅଭିଯାନ ଆରମ୍ଭ ହୋଇଛି। ଶୁକ୍ରବାର ୱାର୍ଡ ନଂ. ୩୨ର ଷ୍ଟେଜ୍-୩, ଝାରପଡ଼ା ଓ ଗଣେଶ ମଣ୍ଡପ ଅଞ୍ଚଳରେ ଏନେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କୋଭିଡ୍ ମୁକାବିଲା ସହ ସହରକୁ ସୁସ୍ଥ ରଖିବା ନିମନ୍ତେ ପରିମଳ ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯାଉଥିବା ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ ଓ ଡେପୁଟି କମିଶନର(ପରିମଳ ବ୍ୟବସ୍ଥା) ଶୁଭେନ୍ଦୁ ସାହୁ କହିଛନ୍ତି। ଦକ୍ଷିଣ-ପୂର୍ବ ମଣ୍ଡଳ ଡେପୁଟି କମିଶନର ଅଂଶୁମାନ ରଥ ଅଭିଯାନର ନେତୃତ୍ୱ ନେଇଛନ୍ତି।

**ସଂକ୍ଷେପରେ**

## କାର ପାର୍କିଂକୁ ନେଇ ଉତ୍ତେଜନା

ପୁରୁଣା ଭୁବନେଶ୍ୱର,୩୦।୧୦ (ଡି.ଏନ୍.ଏ.): କାର ପାର୍କିଂକୁ ନେଇ ଶୁକ୍ରବାର ସନ୍ଧ୍ୟାରେ ଏୟାରପୋର୍ଟ ଟ୍ରାଫିକ ଛକରେ ଉତ୍ତେଜନା ଦେଖାଦେଇଥିଲା। ଆପୋଷ ବୁଝାମଣା ପରେ ପରିସ୍ଥିତି ନିୟନ୍ତ୍ରଣ ସହ ଘଟଣାର ସମାଧାନ ହୋଇଥିଲା ବୋଲି ଏୟାରପୋର୍ଟ ଥାନାର ଜଣେ ଅଧିକାରୀ କହିଛନ୍ତି। ସୂଚନା ଅନୁଯାୟୀ, ଏୟାରପୋର୍ଟ ଛକରେ ଜଣେ ବ୍ୟକ୍ତି କାର ପାର୍କିଂ କରିଥିଲେ। ଏହାକୁ ବେଆଇନ ଦର୍ଶାଇ ଇକୋ ମୋବାଇଲ ଭ୍ୟାନ କର୍ମଚାରୀ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଫାଇନ ବାବଦ ୧୦୦ଟଙ୍କା ଦେବାକୁ କହିଥିଲେ। ସେ ଏହାର ପ୍ରତିବାଦ କରିବାରୁ ଜଣେ କର୍ମଚାରୀ ଇ ଚାଲାଣ ଲାଗି ଗାଡ଼ିର ଏକ ଫଟୋ ଉଠାଇଥିଲେ। ପରେ ସମ୍ପୃକ୍ତ ବ୍ୟକ୍ତି ଓ କର୍ମଚାରୀଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ସମ୍ପୃକ୍ତ ବ୍ୟକ୍ତି ପଳାଇଯିବାକୁ ଉଦ୍ୟମ କରିବାରୁ ପୋଲିସ କର୍ମଚାରୀମାନେ ତାଙ୍କୁ ଥାନାକୁ ଯିବା ପାଇଁ ଟଣାଓଟରା କରିଥିଲେ। ଫଳରେ ଗାଡିର ଡୋର ବାଜି ତାଙ୍କ ମୁଣ୍ଡ ଫାଟିଯାଇଥିଲା। ଅପୋସ ବୁଝାମଣାରେ ଘଟଣାର ସମାଧାନ ହୋଇଛି ବୋଲି ପୋଲିସ ସୂତ୍ରରୁ ଜଣାପଡ଼ିଛି।

## ଏଥର ନିରାଡ଼ମ୍ବର କୁମାର ଉତ୍ସବ

**ପୁରୀ ଅଫିସ, ୩୦।୧୦:** ପ୍ରତିବର୍ଷ ପୁରୀ କୁମାର ଉତ୍ସବ ସମିତିର ବାର୍ଷିକ ଉତ୍ସବ ଅବସରରେ କୁମାର ଉତ୍ସବ ଧୁମ୍‌ଧାମ୍‌ରେ ପାଳନ କରାଯାଏ। କିନ୍ତୁ ଏଥର କୋଭିଡ୍ କଟକଣା ଯୋଗୁ କୁମାର ଉତ୍ସବ ନିରାଡମ୍ବର ଭାବେ ପାଳନ କରାଯିବ। ବିଶେଷକରି ସେବା, ଶ୍ରଦ୍ଧା ଓ ସମର୍ପଣ ଭାବ ନେଇ ଆସନ୍ତା ନଭେମ୍ବର ୧ରୁ ୩ ତାରିଖ ପର୍ଯ୍ୟନ୍ତ ୫୩ତମ କୁମାର ଉତ୍ସବ ଅନୁଷ୍ଠିତ ହେବ। ପ୍ରଥମ ଦୁଇଦିନ ବିଭିନ୍ନ ଅନୁଷ୍ଠାନରେ ଫଳ ବଣ୍ଟନ ଓ ସମ୍ବର୍ଦ୍ଧନା ଦିଆଯିବ। ଉଦ୍‌ଯାପନୀ ଦିବସରେ ସମ୍ବର୍ଦ୍ଧନା ସଭା ଓ ସଙ୍ଗୀତ ପରିବେଷଣ କରାଯିବ। ମୁକ୍ତାକାଶ କିମ୍ବା ପୁରୀ ପୌରସଦନରେ ଉଦ୍‌ଯାପନୀ କାର୍ଯ୍ୟକ୍ରମ ହେବ ବୋଲି ଅନୁଷ୍ଠାନର ସମ୍ପାଦକ ସ୍ୱାଧୀନ ପଣ୍ଡା କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ସଭାପତି ଗୋପାଳ ଚନ୍ଦ୍ର ଖୁଣ୍ଟିଆ, କାର୍ଯ୍ୟକାରୀ ସଭାପତି ରାଜେଶ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## 'ସେବା ହିଁ ମାନବ ଜୀବନର ମୂଳଧର୍ମ'

**ଭୁବନେଶ୍ୱର,୨୯।୧୦:** ମୁକ୍ତ ଚିନ୍ତନ ମଞ୍ଚ ଓ ଭାରତୀୟ ବିଦ୍ୟାଭବନ ଆନୁକୂଲ୍ୟରେ ସାହିତ୍ୟିକ ସାତକଡ଼ି ହୋତାଙ୍କ ୯୨ତମ ଜନ୍ମଦିନ ଶୁକ୍ରବାର ପାଳନ କରାଯାଇଛି। ହୋତାଙ୍କ ଦଶଟି ଶ୍ରେଷ୍ଠ ଗଳ୍ପକୁ ନେଇ 'ସାତକଡ଼ି ହୋତାଙ୍କ କଥା ଦଶକ' ଫୁଲ-ଭଗବାନ ଫାଉଣ୍ଡେଶନ ଦ୍ୱାରା ପ୍ରକାଶିତ ହୋଇ ଉନ୍ମୋଚିତ ହୋଇଛି। ଲେଖକ ହୋତାଙ୍କ ଦ୍ୱାରା ଲିଖିତ ନୂତନ ପ୍ରବନ୍ଧ ସଙ୍କଳନ 'ଚିତ୍ତ ଯହିଁ ଭୟଶୂନ୍ୟ' ମଧ୍ୟ ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ଉତ୍ସବରେ ଭାରତୀୟ ବିଦ୍ୟା ଭବନ ଅଧକ୍ଷ ଜେନେରାଲ ବସନ୍ତ କୁମାର ମହାପାତ୍ର ସମ୍ମାନିତ ଅତିଥି ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱ ବିଦ୍ୟାଳୟର କୁଳପତି ଡାକ୍ତର ଅଶୋକ କୁମାର ମହାପାତ୍ର ପ୍ରମୁଖ ଯୋଗଦେଇ ସେବାହିଁ ମାନବ ଜୀବନର ମୂଳ ମନ୍ତ୍ର ବୋଲି କହିଥିଲେ। ସାତକଡ଼ିଙ୍କ ପ୍ରବନ୍ଧ ପୁସ୍ତକକୁ ଅସିତ ମହାନ୍ତି ସମୀକ୍ଷା କରିଥିଲେ। ଏଥିରେ ବିବେକାନନ୍ଦ କେନ୍ଦ୍ର ମୁଖ୍ୟ ଭି. ରବି ନାଇଡୁ ଯୋଗଦେଇ ଆଲୋଚନା କରିଥିଲେ। ସଭାକୁ ପୀତବାସ ରାଉତରାୟ ସଂଯୋଜନା କରିଥବା ବେଳେ ରମାକାନ୍ତ ମିଶ୍ର ଧନ୍ୟବାଦ ଦେଇଥିଲେ।

# ବିଜ୍ଞାନରେ ସାଗରିକା, ବାଣିଜ୍ୟରେ ଇପ୍ସା ଟପ୍ପର

**ଉତ୍କଳ ବିଶ୍ୱବିଦ୍ୟାଳୟ ଯୁକ୍ତ ୩ ଷଷ୍ଠ ସେମିଷ୍ଟର ପରୀକ୍ଷାଫଳ ପ୍ରକାଶିତ**

ଭୁବନେଶ୍ୱର, ୩୦।୧୦(ବ୍ୟୁରୋ)

ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନ ଯୁକ୍ତ୩ (ସ୍ନାତକ) କଲେଜର ବିଜ୍ଞାନ ଓ ବାଣିଜ୍ୟ ବିଭାଗ ୬ଷ୍ଠ ସେମିଷ୍ଟର ପରୀକ୍ଷାଫଳ ଶୁକ୍ରବାର ପ୍ରକାଶ ପାଇଛି। ଏଥିସହ ବିଜ୍ଞାନ, ବାଣିଜ୍ୟ ବିଭାଗର ଦ୍ୱିତୀୟ ଓ ଚତୁର୍ଥ ସେମିଷ୍ଟର ବ୍ୟାକ୍ ପେପର୍ ପରୀକ୍ଷା ଫଳ ମଧ୍ୟ ପ୍ରକାଶ କରାଯାଇଛି। ବିଶ୍ୱବିଦ୍ୟାଳୟର ୟୁୟୁଇଏମ୍‌ଏସ୍ ପୋର୍ଟାଲ୍‌ରୁ ଛାତ୍ରୀଛାତ୍ର ସେମାନଙ୍କ ଫଳାଫଳ ଜାଣିପାରିବେ। ଛାତ୍ରୀଛାତ୍ରଙ୍କ ପ୍ରୋଭିଜନାଲ ଓ ମାର୍କଶିଟ୍ ସାର୍ଟିଫିକେଟ୍ ସମସ୍ତ ମହାବିଦ୍ୟାଳୟକୁ ଅନ୍‌ଲାଇନ୍ ମାଧ୍ୟମରେ ପଠାଇ ଦିଆଯାଇଛି। ଛାତ୍ରୀଛାତ୍ର ନିଜ କଲେଜରୁ ସାର୍ଟିଫିକେଟ୍ ଗ୍ରହଣ କରିପାରିବେ। +୩ ୬ଷ୍ଠ ସେମିଷ୍ଟର ବାଣିଜ୍ୟ ବିଭାଗରେ ୪୯୦୫ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ୪,୭୪୪ ଜଣ ପାସ୍ କରିଛନ୍ତି। ପାସ୍ ହାର ୯୬.୭୧% ହୋଇଛି। ବିଜ୍ଞାନ ବିଭାଗରେ ୧୩,୬୮୪ ଜଣ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୧୩,୫୧୩ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ପାସ୍ ହାର ୯୮.୭୫% ହୋଇଛି। ବିଜ୍ଞାନ ବିଭାଗରେ କଟକସ୍ଥିତ ଷ୍ଟୁଆର୍ଟ ସାଇନ୍ସ କଲେଜର ଭୂତତ୍ତ୍ୱ ବିଜ୍ଞାନ ଛାତ୍ରୀ ସାଗରିକା ଦାସ ସିଜିପିଏ ୯.୬୬ ନମ୍ବର ରଖି ଟପ୍ପର୍ ହୋଇଛନ୍ତି। ବାଣିଜ୍ୟ ବିଭାଗରେ ଭୁବନେଶ୍ୱରସ୍ଥିତ ଡିଏଭି ସ୍କୁଲ ଅଫ୍ ବିଜନେସ୍ ମ୍ୟାନେଜମେଣ୍ଟର ଛାତ୍ରୀ ଇପ୍ସା ବଳିୟାରସିଂ ସିଜିପିଏ ୯.୫୫ ନମ୍ବର ରଖି ଟପ୍ପର୍ ହୋଇଥିବା ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକ ଶରତ କୁମାର ମାଝି ସୂଚନା ଦେଇଛନ୍ତି। ଯୁକ୍ତ ୩ ଚତୁର୍ଥ ସେମିଷ୍ଟର ବ୍ୟାକ୍ (୨୦୧୭ ନାମଲେଖା ବ୍ୟାଚ୍) ପରୀକ୍ଷାରେ ବିଜ୍ଞାନ (ଅନର୍ସ)ରେ ୭୫୩ ଜଣ ପରୀକ୍ଷା ଦେଇଥିବା ବେଳେ ୬୮୬ ଜଣ ପାସ୍ କରିଛନ୍ତି। ପାସ୍‌ହାର ୯୧.୧୦% ରହିଛି। ବିଜ୍ଞାନ (ଜେନେରାଲ୍)ରେ ପରୀକ୍ଷା ଦେଇଥିବା ୬୮ ଜଣଙ୍କ ମଧ୍ୟରୁ ୬୩ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ପାସ୍‌ହାର ୯୨.୬୫% ହୋଇଛି। ବାଣିଜ୍ୟ (ଅନର୍ସ)ରେ ପରୀକ୍ଷା ଦେଇଥିବା ୩୬୨ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୩୧୪ ଜଣ ପାସ୍ କରିଛନ୍ତି। ପାସ୍‌ହାର ୮୬.୭୪% ହୋଇଛି। ବାଣିଜ୍ୟ (ଜେନେରାଲ)ରେ ୩୦ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୨ ଜଣ ପାସ୍ କରିଛନ୍ତି। ଦ୍ୱିତୀୟ ସେମିଷ୍ଟର ବ୍ୟାକ୍ (୨୦୧୭ ନାମଲେଖା ବ୍ୟାଚ୍) ପରୀକ୍ଷାରେ ବିଜ୍ଞାନରେ ମୋଟ ୩୫୪ ଜଣ ପରୀକ୍ଷା ଦେଇଥିବାବେଳେ ୩୧୬ ଜଣ ପାସ୍ କରିଛନ୍ତି। ପାସ୍ ହାର ୮୯.୨୭% ହୋଇଛି। ବାଣିଜ୍ୟରେ ପରୀକ୍ଷା ଦେଇଥିବା ୨୧୫ ଛାତ୍ରୀଛାତ୍ରୀଙ୍କ ମଧ୍ୟରୁ ୧୯୦ ଜଣ ପାସ୍ କରିଛନ୍ତି। ପାସ୍ ହାର ୮୮.୩୭% ହୋଇଥିବା ବିଶ୍ୱବିଦ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। କୁଳପତି ପ୍ରଫେସର ସୌମେନ୍ଦ୍ର ମୋହନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ପରୀକ୍ଷା ଫଳ ପ୍ରକାଶ ପାଇଛି। ଆସନ୍ତା ୨ରୁ ୩ ଦିନ ମଧ୍ୟରେ କଳା ପରୀକ୍ଷା ଫଳ ପ୍ରକାଶ ପାଇବ ବୋଲି ପରୀକ୍ଷା ନିୟନ୍ତ୍ରକ ମାଝି କହିଛନ୍ତି।

## ଦୀପ୍ତିପଦ୍ମା ବେସିକ୍ ସାଇନ୍ସ ଟପ୍ପର

ଭୁବନେଶ୍ୱର,୩୦।୧୦(ବ୍ୟୁରୋ)



ଦୀପ୍ତିପଦ୍ମା ମଲ୍ଲିକ

ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ (ଓୟୁଏଟି) ପରିଚାଳିତ ବେସିକ୍ ସାଇନ୍ସ କଲେଜ +୩ ଶେଷ ବର୍ଷ ପରୀକ୍ଷା ଫଳ ପ୍ରକାଶ ପାଇଛି। ଏହି ପରୀକ୍ଷାରେ ଯାଜପୁର ଜିଲା ବିଞ୍ଝାରପୁରର ଦୀପ୍ତିପଦ୍ମା ମଲ୍ଲିକ ୯୦.୧୬ ପ୍ରତିଶତ ନମ୍ବର ରଖି ବେଷ୍ଟ ଗ୍ରାଜୁଏଟ୍ ହେବାର ଗୌରବ ଲାଭ କରିଛନ୍ତି। ସୂଚନା ମୁତାବକ ମୋଟ ୨୧୬ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୨୦୬ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି । ପ୍ରଥମ ଶ୍ରେଣୀରେ ୧୮୫ ଜଣ ଓ ଦ୍ୱିତୀୟ ଶ୍ରେଣୀରେ ୨୧ ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ଦୀପ୍ତିପଦ୍ମା ପ୍ରଥମ ସ୍ଥାନରେ ପ୍ରଥମ ହୋଇ ବେଷ୍ଟ ଗ୍ରାଜୁଏଟ୍ ହୋଇଛନ୍ତି । ସୂଚନା ଯୋଗ୍ୟ ଯେ,ଦୀପ୍ତିପଦ୍ମା ଶାସକଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକଙ୍କର ଏକମାତ୍ର କନ୍ୟା ।

# ପ୍ରାଚୀପ୍ରଜ୍ଞା ପିଏନ୍ କଲେଜ ଟପ୍ପର

- ପ୍ରକାଶ ପାଇଲା ଯୁକ୍ତ ୩ ପରୀକ୍ଷାଫଳ
- ଆଦିତ୍ୟନାଥ, ରୁପାଲି ଶ୍ରେଷ୍ଠ ସ୍ନାତକ
- ମୋଟ୍ ପାସ୍ ହାର ୯୦.୪%

ଖୋର୍ଦ୍ଧା ଅଫିସ,୩୦।୧୦

ଖୋର୍ଦ୍ଧା ପ୍ରାଣନାଥ (ପିଏନ୍) ସ୍ୱୟଂଶାସିତ ମହାବିଦ୍ୟାଳୟର ଦ୍ୱାଦଶତମ ସ୍ନାତକ(+୩) ୨୦୧୭-୨୦୨୦ ଶିକ୍ଷାବର୍ଷର ବାର୍ଷିକ ଫଳ ଶନିବାର ପ୍ରକାଶ ପାଇଛି। ଏଥିରେ ମୋଟ୍ ପାସ୍ ହାର ୯୦.୪ ପ୍ରତିଶତ ରହିଛି। ବାଣିଜ୍ୟରେ ଆଦିତ୍ୟନାଥ ପୃଷ୍ଟି, କଳାରେ ଶିକ୍ଷା ବିଭାଗ ଛାତ୍ରୀ ରୁପାଲି ସାହୁ ଶ୍ରେଷ୍ଠ ସ୍ନାତକ ହୋଇଥିବା ବେଳେ ବିଜ୍ଞାନ ବିଭାଗର ଭୂତତ୍ତ୍ୱ ବିଜ୍ଞାନ ଛାତ୍ରୀ ପ୍ରାଚୀପ୍ରଜ୍ଞା ଶ୍ରେଷ୍ଠ ସ୍ନାତକ ସହ କଲେଜ ଟପ୍ପର ହୋଇଛନ୍ତି। କଳା, ବିଜ୍ଞାନ ଓ ବାଣିଜ୍ୟରେ ୧୧୫୪ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ତନ୍ମଧ୍ୟରୁ ୧୦୪୩ଜଣ ପାସ କରିଛନ୍ତି। ଛାତ୍ରଙ୍କୁ ପଛରେ ପକାଇ ଛାତ୍ରୀ ଆଗରେ ରହିଛନ୍ତି। ଛାତ୍ରଙ୍କ ପାସ ହାର ୮୫.୮% ରହିଥିବା ବେଳେ ଛାତ୍ରୀଙ୍କ ପାସ୍ ହାର ୯୫.୭% ରହିଛି। କଳାରେ ୧୪୫ଛାତ୍ରଙ୍କ ମଧ୍ୟରୁ ୧୧୩ ଏବଂ ୨୪୧ଛାତ୍ରୀଙ୍କ ମଧ୍ୟରୁ ୨୩୬ ପାସ୍ କରିଛନ୍ତି। ସେହିପରି ବାଣିଜ୍ୟରେ ୨୬୨ ଛାତ୍ରଙ୍କ ମଧ୍ୟରୁ ୨୨୫ ଓ ୧୨୮ଛାତ୍ରୀଙ୍କ ମଧ୍ୟରୁ ୧୨୦ଜଣ ପାସ କରିଛନ୍ତି। ବିଜ୍ଞାନରେ ୨୧୨ଛାତ୍ରଙ୍କ ମଧ୍ୟରୁ ୧୯୩ ଏବଂ ୧୬୬ଜଣ ଛାତ୍ରୀଙ୍କ ମଧ୍ୟରୁ ୧୫୬ଜଣ ପାସ୍ କରିଛନ୍ତି। କଲେଜ ଅଧ୍ୟକ୍ଷ ପ୍ରଫେସର ମନୋରଞ୍ଜନ ସେନାପତି କହିଛନ୍ତି, ଏହି ପରୀକ୍ଷା ଫଳ ୬ଟି ସେମିଷ୍ଟର ପରୀକ୍ଷାର ମୋଟ ଫଳାଫଳକୁ ନେଇ ପ୍ରସ୍ତୁତ କରାଯାଇଛି। ତିନି ବିଭାଗର ଶ୍ରେଷ୍ଠ ସ୍ନାତକଙ୍କୁ ସାମ୍ବତ୍ସରିତ ଉତ୍ସବ-୨୦୨୧ରେ ସମ୍ମାନିତ କରାଯିବ। କଲେଜ ପରିଚାଳନା କମିଟି ସଭାପତି ତଥା ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ର, ଉତ୍ତର ଓଡ଼ିଶାର ପୂର୍ବତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି, ପରୀକ୍ଷା କଣ୍ଟ୍ରୋଲର ପ୍ରଫେସର ଦେବୀ ପ୍ରସାଦ ପଟ୍ଟନାୟକ ଏବଂ କଲେଜର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ଉପସ୍ଥିତ ଥିଲେ।

| ବିଭାଗ | ଛାତ୍ରୀଛାତ୍ର |
|---|---|
| ବାଣିଜ୍ୟ | ଆଦିତ୍ୟନାଥ ପୃଷ୍ଟି |
| ଉଦ୍ଭିଦ ବିଜ୍ଞାନ | ସଙ୍ଗୀତା ପରିଡ଼ା |
| ରସାୟନବିଜ୍ଞାନ | ଲିପ୍ସାରାଣୀ ମୁଦୁଲି |
| କମ୍ପ୍ୟୁଟର ସାଇନ୍ସ | ଯଶସ୍ୱିନୀ ମିଶ୍ର |
| ଗଣିତ | ଦେବାଶିଷ ବରାଳ |
| ପଦାର୍ଥ ବିଜ୍ଞାନ | ସିପ୍ସାରାଣୀ ବେହେରା |
| ଭୂତତ୍ତ୍ୱ ବିଜ୍ଞାନ | ପ୍ରାଚୀପ୍ରଜ୍ଞା ସାହୁ |
| ପ୍ରାଣୀ ବିଜ୍ଞାନ | ଚିନ୍ମୟୀ ତ୍ରିପାଠୀ |
| ଇଲେକ୍ଟ୍ରୋନିକ୍ସ | ସିଦ୍ଧାର୍ଥ ଶ୍ରୀଚନ୍ଦନ |
| ଭୂଗୋଳ | ପଦ୍ମାଳୟା ପଟ୍ଟନାୟକ |
| ଶିକ୍ଷା | ରୁପାଲି ସାହୁ |
| ଇଂଲିଶ | ପ୍ରତୀକ୍ଷା ସାହୁ |
| ଇତିହାସ | ବି.ଜୟା |
| ଓଡ଼ିଆ | ଶୁଭଲକ୍ଷ୍ମୀ ଗୁରୁ |
| ଦର୍ଶନ | ଶ୍ରଦ୍ଧାଞ୍ଜଳି ସାହୁ |
| ରାଜନୀତି ବିଜ୍ଞାନ | ମୋନାଲିନ ପାଟଶାଣୀ |
| ମନସ୍ତତ୍ତ୍ୱ ବିଜ୍ଞାନ | ଭୋଳାନାଥ ବେହେରା |
| ସଂସ୍କୃତ | ପିନାକୀ ରଥ |





କୃତୀ ଛାତ୍ରୀଛାତ୍ରଙ୍କ ସହ କଲେଜ ପରିଚାଳନା କମିଟି ସଭାପତି ଓ ଅନ୍ୟମାନେ।

## ଅଟୋକୁ ଧକ୍କା ଦେଲା କାର: ବୃଦ୍ଧା ମୃତ, ୩ ଗୁରୁତର

ଭୁବନେଶ୍ୱର,୩୦।୧୦ (ବ୍ୟୁରୋ)

ଭୁବନେଶ୍ୱର-ପୁରୀ ୩୧୬ନଂ. ଜାତୀୟ ରାଜପଥର ଧଉଳି ଟ୍ରାଫିକ୍ ନିକଟରେ ଶୁକ୍ରବାର ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏଥିରେ ୬୫ ବର୍ଷୀୟ ମହିଳାଙ୍କର ମୃତ୍ୟୁ ହୋଇଥିବାବେଳେ ୩ଜଣ ଗୁରୁତର ହୋଇଛନ୍ତି। ମୃତ ବୃଦ୍ଧା ହେଲେ ଖଣ୍ଡଗିରି ଥାନା ଜାଗମରା ଅଞ୍ଚଳର ଗୀତାଞ୍ଜଳି ମହାପାତ୍ର। ଦୁର୍ଘଟଣା ପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଘଟଣାସ୍ଥଳରେ ଧଉଳି ପୋଲିସ ପହଞ୍ଚି ସମସ୍ତ ଗୁରୁତରଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ପଠାଇବା ସହ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରି ସ୍ଥିତିକୁ ସ୍ୱାଭାବିକ କରିଥିଲା। ହସ୍ପିଟାଲରେ ଗୀତାଞ୍ଜଳିଙ୍କୁ ଡାକ୍ତର ମୃତ ଘୋଷଣା କରିଥିବାବେଳେ ଗୁରୁତରଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ସେମାନଙ୍କୁ ଏମ୍‌ସକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ଏକ ଅଟୋରେ ଦାମୋଦର ଓ ତାଙ୍କ ସ୍ତ୍ରୀଙ୍କ ସମେତ ୫ଜଣ ଜାଗମରାରୁ ନିମାପଡା ଅଭିମୁଖେ ଯାଉଥିବାବେଳେ ଧଉଳି ଟ୍ରାଫିକ ନିକଟରେ ପଛରୁ ଏକ କାର୍ ସେମାନଙ୍କୁ ଧକ୍କା ଦେଇଥିଲା।

## ବଟି ପାଇଁ ଆକ୍ରମଣ: ଜଣେ ଗିରଫ

**ପୁରୀ ଅଫିସ, ୩୦।୧୦:** ଦାଦାବଟିକୁ ନେଇ ହୋଟେଲ ମାଲିକ ମନୋଜ ନାୟକଙ୍କୁ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ କୁମ୍ଭାରପଡ଼ା ଥାନା ପୋଲିସ ଶୁକ୍ରବାର ଶଙ୍କର ରେଡ୍ଡୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏହି ଘଟଣାରେ ଅନ୍ୟ ଅଭିଯୁକ୍ତ ସଣ୍ଟୁ ରେଡ୍ଡୀ ଫେରାର୍ ଅଛନ୍ତି। ଗତ ୨୫ ତାରିଖରେ ଘୋଡାବଜାରସ୍ଥିତ ହୋଟେଲ ପ୍ରୀତିଭିଲ୍ଲାରେ ଶଙ୍କର ଓ ସଣ୍ଟୁ ପହଞ୍ଚି ମନୋଜଙ୍କୁ ୫ହଜାର ଟଙ୍କା ବଟି ମାଗିଥିଲେ। ସେ ରାଜି ନ ହେବାରୁ ଦୁହେଁ ମନୋଜଙ୍କ ସମେତ ତାଙ୍କ କର୍ମଚାରୀଙ୍କୁ ଲୁହାରଡ୍‌ରେ ଆକ୍ରମଣ କରିଥିଲେ।

## ପାଇକ ସ୍ମାରକୀ ସ୍ଥାନ ଜବରଦଖଲ ଉଚ୍ଛେଦ ଦାବି

ଖୋର୍ଦ୍ଧା ଅଫିସ,୩୦।୧୦

ଖୋର୍ଦ୍ଧା ବରୁଣେଇ ପାହାଡ଼ ପାଦଦେଶରେ ପାଇକ ସ୍ମାରକୀ ନିର୍ମାଣ ଲାଗି ରାଷ୍ଟ୍ରପତି ରାମନାଥ କୋବିନ୍ଦ ୨୦୧୯ ଡିସେମ୍ବର ୮ରେ ଶିଳାନ୍ୟାସ କରିଥିଲେ। ଏହି ଶିଳାନ୍ୟାସକୁ ୧୦ମାସ ବିତିଯାଇଥିଲେ ମଧ୍ୟ ପ୍ରସ୍ତାବିତ ସ୍ମାରକୀ ନିର୍ମାଣ ଲାଗି ଆବଶ୍ୟକ ଜମି ଜବରଦଖଲରେ ରହିଛି। ଉକ୍ତ ସ୍ଥାନରେ ଖଣ୍ଡେ ଇଟା ପଡ଼ିନାହିଁ। ଜବରଦଖଲ ଜମି ଉଚ୍ଛେଦ ଦାବିରେ ଶୁକ୍ରବାର ବିଭିନ୍ନ ସଙ୍ଗଠନ ପକ୍ଷରୁ ବରୁଣେଇ ସ୍ମାରକୀ ନିର୍ମାଣ ସ୍ଥାନରେ ବିକ୍ଷୋଭ କରାଯାଇଛି। କଳିଙ୍ଗ ପାଇକ ସଙ୍ଗଠନ, ପିଣ୍ଡିକି ବାହୁବଳେନ୍ଦ୍ର ସ୍ମୃତି କମିଟି, ତାପଙ୍ଗ ଦଳବେହେରା ସ୍ମୃତି ପରିଷଦ ଓ ନିଉଥିଙ୍କିଙ୍ଗ ଫୋରମ୍ ଅନୁଷ୍ଠାନର ଶତାଧିକ କର୍ମୀ ଏକତ୍ରିତ ହୋଇଥିଲେ। ପ୍ରସ୍ତାବିତ ସ୍ମାରକୀ ନିର୍ମାଣ ବିଳମ୍ବ ଘଟୁଥିବାରୁ ପୂର୍ବରୁ ଜିଲା ପ୍ରଶାସନଠାରୁ ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଦାବିପତ୍ର ଦିଆଯାଇଛି ବୋଲି କଳିଙ୍ଗ ପାଇକ ସଙ୍ଗଠନର ଉପଦେଷ୍ଟା ଭୀମସେନ୍ ପ୍ରଧାନ କହିଛନ୍ତି। ଏହି ବିକ୍ଷୋଭରେ କୃଷ୍ଣଚନ୍ଦ୍ର ହରିଚନ୍ଦନ, ସତ୍ୟବାଦୀ ବଳିଆରସିଂହ, ପ୍ରଫୁଲ୍ଲ ସାମନ୍ତରାୟ, ଅମରେନ୍ଦ୍ର ମହାପାତ୍ର, ପ୍ରଫୁଲ୍ଲ ବାହୁବଳେନ୍ଦ୍ର, ସଂଗ୍ରାମ କେଶରୀ ଜଗଦ୍ଦେବ, ରମଜାନ୍ ଖାଁ, ରମେଶ ଚନ୍ଦ୍ର ପାତାଳସିଂହ, ରାମଚଣ୍ଡୀ ଦଳବେହେରା, ମୃତ୍ୟୁଞ୍ଜୟ ଛୋଟରାୟ, ଶିଶିର ନାୟକ, ନରେନ୍ଦ୍ର ପୃଷ୍ଟି, ସଞ୍ଜୟ ପଟ୍ଟନାୟକ, ବିମଳ କୁମାର ଷଡ଼ଙ୍ଗୀ ପ୍ରମୁଖ ସାମିଲ ଥିଲେ।

# ଘରୋଇ ବ୍ୟାଙ୍କ କର୍ମଚାରୀ ଠକିନେଲେ ୪ଲକ୍ଷ

**ରାଜଧାନୀରେ କ୍ରେଡ଼ିଟ୍ କାର୍ଡ ଠକେଇ ର୍‌ୟାକେଟ**

- ମ୍ୟାନେଜରଙ୍କ ଅଭିଯୋଗ ପରେ ଥାନାରେ ମାମଲା
- ୨ଜଣଙ୍କ ନାମରେ ଅଭିଯୁକ୍ତ କରିଥିଲେ ଜାଲ୍ କ୍ରେଡିଟ କାର୍ଡ
- ଥାନାରେ ବଢୁଛି ଅଭିଯୋଗର ତାଲିକା

ଭୁବନେଶ୍ୱର,୩୦।୧୦ (ବ୍ୟୁରୋ)

ରାଜଧାନୀରେ ଏବେ କ୍ରେଡିଟ୍ କାର୍ଡ ଠକେଇ ର୍‌ୟାକେଟ ସକ୍ରିୟ ହୋଇଉଠିଛି। ଖୋଦ୍ ବ୍ୟାଙ୍କ କର୍ମଚାରୀ ଏଥିରେ ସାମିଲ ରହି ଲୋକଙ୍କ ଆକାଉଣ୍ଟରୁ ଟଙ୍କା ହଡ଼ପ କରୁଛନ୍ତି। ଶହୀଦନଗର ଥାନା ଅଞ୍ଚଳରେ ଥିବା ଏକ ଘରୋଇ ବ୍ୟାଙ୍କର ମାର୍କେଟିଂ ଏକ୍‌ଜିକ୍ୟୁଟିଭ୍ ୨ଜଣଙ୍କ ନାଁରେ ଜାଲ୍ କ୍ରେଡିଟ୍ କାର୍ଡ କରି ୪ଲକ୍ଷ ଟଙ୍କା ଉଠାଇ ନେଇଛନ୍ତି। ଶେଷରେ ସମ୍ପୃକ୍ତ ୨ଜଣ ଗ୍ରାହକଙ୍କ ପାଖକୁ ବ୍ୟାଙ୍କ୍‌ରୁ ନୋଟିସ ଯିବା ପରେ ଘଟଣା ପଦାକୁ ଆସିଛି। ଏନେଇ ବ୍ୟାଙ୍କ ମ୍ୟାନେଜର ଶାନ୍ତନୁ କୁମାର ବିଶ୍ୱାସ ଶହୀଦନଗର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ଅଭିଯୋଗ ଅନୁଯାୟୀ, ଠକେଇ କରିଥିବା ବ୍ୟାଙ୍କ ମାର୍କେଟିଂ ଏକ୍‌ଜିକ୍ୟୁଟିଭ୍ ଜଣକ ଜୟଦେବ ବିହାର ନିକଟରେ ରହୁଥିବା ଜଣେ ଜମାକାରୀ ପ୍ରଦୀପ ନାୟକଙ୍କ ନାମରେ ଏକ ଜାଲ୍ କ୍ରେଡିଟ୍ କାର୍ଡ କରିଥିଲେ। ସେ ଉକ୍ତ କ୍ରେଡିଟ କାର୍ଡରୁ ଜାନୁୟାରୀ ୧୭ରେ ଖୋର୍ଦ୍ଧାରେ ଥିବା ଏକ ମେଡିସିନ ଦୋକାନରୁ ସ୍ୱାଇପ୍ କରି ୨ଲକ୍ଷ ଟଙ୍କା ଉଠାଇଥିଲେ। ସେ ଦୋକାନୀଙ୍କଠାରୁ ନଗଦ ଟଙ୍କା ନେଇ ଏବାବଦକୁ ତାଙ୍କୁ ମଧ୍ୟ କିଛି ଦେଇଥିଲେ। ତେବେ ଉକ୍ତ ଟଙ୍କା ପ୍ରଦୀପଙ୍କ ନାମରେ କ୍ରେଡିଟ୍ ହେବାପରେ ବ୍ୟାଙ୍କ୍ ତାଙ୍କୁ ଶୁଝିବା ପାଇଁ ନୋଟିସ କରିଥିଲା। ପ୍ରଦୀପଙ୍କର ଉକ୍ତ ଘରୋଇ ବ୍ୟାଙ୍କର ଖୋର୍ଦ୍ଧା ଶାଖାରେ ଏକ ଆକାଉଣ୍ଟ ରହିଛି। ବ୍ୟାଙ୍କ୍‌ରୁ ନୋଟିସ ଯିବା ପରେ ସେ ବ୍ୟାଙ୍କ୍‌କୁ ଯାଇ ବୁଝିବା ପରେ ତାଙ୍କ ନାମରେ କ୍ରେଡିଟ୍ କାର୍ଡ କରାଯାଇ ଟଙ୍କା ଉଠାଣ ହୋଇଥିବା ଜାଣିବାକୁ ପାଇଥିଲେ। ତେବେ ସେ କୌଣସି କ୍ରେଡିଟ୍ କାର୍ଡ କରି ନ ଥିବା ସଂକ୍ରାନ୍ତରେ ଅଭିଯୋଗ କରିବା ପରେ ବ୍ୟାଙ୍କ ପକ୍ଷରୁ ଏହାର ଖୋଳତାଡ଼ ଆରମ୍ଭ ହୋଇଥିଲା। ତଦନ୍ତ ପରେ ବ୍ୟାଙ୍କ କର୍ତ୍ତୃପକ୍ଷ ଜାଣିବାକୁ ପାଇଥିଲେ ଯେ, ପ୍ରଦୀପଙ୍କ ଭଳି ଝାରସୁଗୁଡାରେ ରହୁଥିବା ଦିବ୍ୟାଜ୍ୟୋତି ପଟ୍ଟନାୟକଙ୍କ ନାମରେ ମଧ୍ୟ ଉକ୍ତ କର୍ମଚାରୀ ଜଣକ ଜାଲିଆତି କରି କ୍ରେଡିଟ କାର୍ଡ କରିଥିଲେ। ଦିବ୍ୟଜ୍ୟୋତିଙ୍କର ଝାରସୁଗୁଡାରେ ଉକ୍ତ ଘରୋଇ ବ୍ୟାଙ୍କ୍‌ରେ ଆକାଉଣ୍ଟ ରହିଛି। ଠକ ଜଣକ ତାଙ୍କ ନାମରେ ହାତେଇଥିବା କ୍ରେଡିଟ କାର୍ଡକୁ ଖୋର୍ଦ୍ଧାର ଉକ୍ତ ମେଡିସିନ ଦୋକାନରେ ୨ଥର ସ୍ୱାଇପ୍ କରି ଟଙ୍କା ନେଇଥିଲେ। ଏହି ଠକେଇରେ ଔଷଧ ଦୋକାନୀଙ୍କ ସମ୍ପୃକ୍ତି ନେଇ ଅଧିକ ତଦନ୍ତ ଚାଲିଛି। ତେବେ ବ୍ୟାଙ୍କ୍ ପକ୍ଷରୁ ଥାନାରେ ଅଭିଯୋଗ ପରେ ଏବେ ଉକ୍ତ ମାର୍କେଟିଂ ଏକ୍‌ଜିକ୍ୟୁଟିଭ୍‌ଙ୍କ ଠକେଇ ତାଲିକା ବଢିବାରେ ଲାଗିଛି। ଏହା ଜଣାପଡିବା ପରେ ଅଭିଯୁକ୍ତ ବ୍ୟାଙ୍କ କର୍ମଚାରୀ ଜଣକ ଫେରାର ଥିବା ଜଣାପଡିଛି।

## ମା' ଗଜଲକ୍ଷ୍ମୀଙ୍କ ଆରାଧନା



ଭୁବନେଶ୍ୱର ବାପୁଜୀ ନଗର



ଭିଏସ୍ଏସ୍ ନଗର



ବମିଖାଲ



କଟକ ଚୌଧୁରୀ ବଜାର



ଖୋର୍ଦ୍ଧା ନୂଆ ବସ୍‌ଷ୍ଟାଣ୍ଡ ସଦ୍‌ଭାବନା ପୂଜା କମିଟି।

